ପ୍ଲାଟ୍‌ଫର୍ମ

ମୁମ୍ବାଇରେ କିଷାନଙ୍କ ସମାଗମ ସାଧାରଣ ଲୋକଶକ୍ତିର ଅଭୂତପୂର୍ବ ଉଦାହରଣ। କଂଗ୍ରେସ ଦଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ଠୁର ଅହଂକାର ବିରୋଧରେ ଚାଷୀ ଓ ଆଦିବାସୀଙ୍କ ସହ ରହିଛି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଜର ଅହଂକାର ଭୁଲି ଚାଷୀଙ୍କ ଦାବିକୁ ମାନିନେବା ଦରକାର।
–ରାହୁଲ ଗାନ୍ଧି, କଂଗ୍ରେସ ସଭାପତି @OfficeOfRG

NITIDIN
ନିତିଦିନ

ତ୍ରିମତ ସରକାର ପ୍ରସ୍ତୁତ କରିବେ ଇଚ୍ଛାମୃତ୍ୟୁ ନିୟମାବଳୀ

ଚିକିତ୍ସା ସମ୍ବଳ ନଥିଲେ ଇଚ୍ଛାମୃତ୍ୟୁ ମିଳୁ

ଚଳିତମାସ ୯ ତାରିଖରେ ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟ ଶୁଣାଇ ଇଚ୍ଛାମୃତ୍ୟୁକୁ ମର୍ଯ୍ୟାଦାର ସହ ବଞ୍ଚିବାର ଏକ ଅଧିକାର ବୋଲି ବର୍ଣ୍ଣନା କଲେ। ଏହାଦ୍ୱାରା କୌଣସି ବ୍ୟକ୍ତି ଜୀବିତ ଅବସ୍ଥାରେ ନିଜ ପାଇଁ ମୃତ୍ୟୁର ଏକ ଇଚ୍ଛାପତ୍ର ପ୍ରସ୍ତୁତ କରିପାରିବେ। ଯଦି ସେହି ବ୍ୟକ୍ତିଜଣକ ହସ୍‌ପିଟାଲ୍‌ରେ କୋମା ଅବସ୍ଥାରେ ରହୁଛନ୍ତି ଏବଂ ଡାକ୍ତର ତାଙ୍କର ସଂଜ୍ଞା ଫେରିବାର ଆଶା ଛାଡ଼ି ଦେଇଛନ୍ତି, ତେବେ ସେହି ଇଚ୍ଛାପତ୍ରକୁ ଆଧାର କରି ତାଙ୍କ ଶରୀରରେ ସମ୍ପୃକ୍ତ ଜୀବନ ସହାୟକ ଭେଣ୍ଟିଲେଟର୍‌କୁ କାଢ଼ି ଦିଆଯାଇପାରିବ। ଫଳରେ ଏହା ତାଙ୍କୁ ଭବିଷ୍ୟତର କଷ୍ଟରୁ ମୁକ୍ତି ଦେବ। ପୁଣି ଯଦି ଇଚ୍ଛାପତ୍ର ନାହିଁ ତେବେ ଡାକ୍ତରୀ ଦଳର ରିପୋର୍ଟକୁ ଆଧାର କରି ରୋଗୀର ପରିବାରବର୍ଗ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ। ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ନୀତି ପ୍ରସ୍ତୁତ ପାଇଁ ଭାରତ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରଶ୍ନ ଉଠୁଛି ଏହାର ଦୁରୁପଯୋଗ ହେବନି ତ ? କେହି କେହି ଖଳ ପ୍ରକୃତିର ଉତ୍ତରପିଢ଼ି ଏହି ନିୟମର ଫାଇଦା ଉଠାଇବେ ନାହିଁତ ? ଅପରପକ୍ଷେ କ୍ୟାନ୍ସର ପରି ମାରାତ୍ମକ ରୋଗ, ଯାହାର ବଞ୍ଚିବା ସମ୍ଭାବନା କ୍ଷୀଣ ଥିଲେ ବି ଚିକିତ୍ସା ଖର୍ଚ୍ଚ ଯଥେଷ୍ଟ ହୋଇଥାଏ, ସେ କ୍ଷେତ୍ରରେ ଏହା ଏକ ବରଦାନ ନୁହେଁକି ?

ବଞ୍ଚିବାର ଆଶା ନଥିଲେ ମୃତ୍ୟୁ ଶ୍ରେୟସ୍କର

ଡା. ଭବାନୀ ଶଙ୍କର ଦାସ
ସ୍ନାୟୁରୋଗ ବିଶେଷଜ୍ଞ

କେତେକ ରୋଗୀ ଯେଉଁମାନଙ୍କ ସୁସ୍ଥ ହେବାର ସୁଯୋଗ ନାହିଁ ବା ମସ୍ତିଷ୍କର ମୃତ୍ୟୁ ଘଟିଛି ସେ କ୍ଷେତ୍ରରେ ରୋଗୀଙ୍କୁ ଡାକ୍ତରଖାନାରେ ପକାଇ ରଖିବା ଉଭୟ ଡାକ୍ତର ଓ ପରିବାରବର୍ଗ ପାଇଁ ସମସ୍ୟା ସୃଷ୍ଟି କରେ। ଏଥିପାଇଁ ଯେଉଁ ଔଷଧ, ଶକ୍ତି ଓ ଅର୍ଥ ଖର୍ଚ୍ଚ ହୁଏ ତାହାର ଯୋଗ୍ୟ ଉପଯୋଗ ଅନ୍ୟସ୍ଥାନରେ ହୋଇପାରନ୍ତା, ଏଣୁ ଏପରି ରୋଗୀଙ୍କୁ ଡାକ୍ତରଖାନାରେ ନପକାଇ ସେମାନଙ୍କ ଇଚ୍ଛା ଓ ପରିବାରର ଆଗ୍ରହ ଅନୁସାରେ ତାଙ୍କୁ ମୃତ୍ୟୁ ପାଇଁ ଅନୁମତି ମିଳିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେମାନଙ୍କ ଶାରୀରିକ ମୃତ୍ୟୁ ହୋଇପାରିଲେ ତାଙ୍କ ଶରୀରରୁ ଅଙ୍ଗ ପ୍ରତ୍ୟଙ୍ଗକୁ କାଢ଼ି ଅନ୍ୟ ଅସୁସ୍ଥଙ୍କ ଶରୀରରେ ପ୍ରତିରୋପଣ କରାଯାଇପାରିବ।

ମର୍ଯ୍ୟାଦାରେ ମୃତ୍ୟୁର ଅଧିକାର ମିଳିଛି ବୋଲି ଯଦି ଜଣେ ଛୋଟା ହୋଇଯାଇଛି ବା ପାଗଳ ହୋଇଛି ବୋଲି ତାକୁ ଇଚ୍ଛାମୃତ୍ୟୁରେ ଅନ୍ତର୍ଭୁକ୍ତ କରାଯିବ ତାହାକୁ ମୁଁ ଅନୁଚିତ ଭାବୁଛି। ଏଥିପାଇଁ ଭାରତର ସମ୍ବିଧାନ କାହାକୁ ଅଧିକାର ଦେଇ ନାହିଁ। ଯଦି କୌଣସି ଡାକ୍ତର ଏପରି କରନ୍ତି ତେବେ ତାହା ହତ୍ୟା ସହ ସମାନ ହେବ। ଅନେକ ସମୟରେ ମୁଁ ଦେଖୁଛି ଗଣମାଧ୍ୟମରେ ରୋଗୀମାନେ ଡାକ୍ତରଖାନାରୁ ଚିକିତ୍ସା ହେଲାପରେ ଫେରି ଆସୁଛନ୍ତି। ତାଙ୍କର ହାତଗୋଡ଼ ନଚାଲିଲେ ମଧ୍ୟ ତାଙ୍କର ଜୀବନ ପ୍ରତି ବିପଦ ରହୁନାହିଁ। ସେ କ୍ଷେତ୍ରରେ ମଧ୍ୟ ଇଚ୍ଛାମୃତ୍ୟୁ ଗ୍ରହଣୀୟ ନୁହେଁ। ସରକାର ସେହିଠାରେ ତାଙ୍କର ମର୍ଯ୍ୟାଦାଜନକ ବଞ୍ଚିବାରେ ସହାୟକ ହେବା ଆବଶ୍ୟକ। ନହେଲେ ତାଙ୍କୁ ପରିବାର ଲୋକେ ସାହାଯ୍ୟ କରିବା ଉଚିତ। ଡାକ୍ତରମାନେ ରୋଗୀଙ୍କୁ ଶୋଷଣ କରୁଛନ୍ତି ଏବଂ ମୃତ ଶରୀରରେ ଚିକିତ୍ସା କରି ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ମଧ୍ୟ ସତ୍ୟ ବୋଲି ମୁଁ ଭାବୁ ନାହିଁ। ଅନେକ ସମୟରେ ରୋଗୀଙ୍କ ସୁବିଧା ତଥା ଉତ୍ତେଜନାକୁ ହ୍ରାସ କରିବା ପାଇଁ ଡେରିରେ ମୃତଦେହ ଦିଆଯାଇଥାଏ। ଡାକ୍ତର କେବେ କାହାକୁ ଜାଣିଶୁଣି ମାରେ ନାହିଁ। ଅପରପକ୍ଷେ ଚିକିତ୍ସା କରିପାରୁ ନାହାନ୍ତି ବୋଲି କଥା କହୁଥିବା ଜଣେ ଅଚଳ ରୋଗୀଙ୍କୁ ଡାକ୍ତର ମାରିପାରିବ ନାହିଁ।



ଅନେକ ଆଶଙ୍କା ରହିଛି

ସାତକଡ଼ି ହୋତା
ଲେଖକ, ସମ୍ପାଦକ

ଭାରତୀୟଙ୍କ ବିଶ୍ୱାସ ବିଶେଷକରି ହିନ୍ଦୁ ବିଶ୍ୱାସ ଅନୁସାରେ ଜନ୍ମ ଓ ମୃତ୍ୟୁ ଈଶ୍ୱରଙ୍କ ପ୍ରଦତ୍ତ। କିନ୍ତୁ ବିଜ୍ଞାନର ଆଗମନ ତଥା ସଭ୍ୟତାର ପରିବର୍ତ୍ତନ ଭିତରେ ଉଭୟ ଜନ୍ମ ଓ ମୃତ୍ୟୁକୁ କିଛି ସମୟ ଧରିରଖିବା ବା ନିୟନ୍ତ୍ରଣ କରିବାରେ ମଣିଷ ସକ୍ଷମ ହେଉଛି। ଯଦିଓ କିଏ କେବେ ମରିବ ତାହାର ତାରିଖ ଡାକ୍ତର କହିପାରିବେ ନାହିଁ କିନ୍ତୁ ଆଧୁନିକ ମେଡିକାଲ୍ ଜ୍ଞାନକୁ ବ୍ୟବହାର କରି ତାକୁ କିଛିଦିନ ରଖିପାରୁଛନ୍ତି। ଇଚ୍ଛାମୃତ୍ୟୁ ପ୍ରସଙ୍ଗଟି ଏହି ବିଜ୍ଞାନ ଓ ପରିବର୍ତ୍ତନ ସହ ଯୋଡ଼ା। କେତେକ ସ୍ଥାନରେ ଏହା ମର୍ଯ୍ୟାଦାଜନକ ମୃତ୍ୟୁ, ସମ୍ବଳ ରକ୍ଷା କରିବା ତଥା ଅନ୍ୟକୁ ଅଙ୍ଗଦାନ କରିବାରେ ଇଚ୍ଛାମୃତ୍ୟୁ ସହାୟକ ହୋଇପାରେ। ଚିକିତ୍ସା ପାଇଁ ସମ୍ବଳ ନଥିବା ପରିବାର ବା ବ୍ୟକ୍ତି ପାଇଁ ରୋଗଗ୍ରସ୍ତ ସଦସ୍ୟଙ୍କ ମୃତ୍ୟୁ ଅନେକ ପରିମାଣରେ ଆଶୀର୍ବାଦ ହୋଇଥାଏ ହେଲେ ଏହାକୁ ନେଇ କିନ୍ତୁ ବ୍ୟାପକସ୍ତରରେ ଏହାର ଅପ ବ୍ୟବହାର ହେବାର ଆଶଙ୍କାକୁ କେହି ଏଡ଼ାଇପାରିବେ ନାହିଁ। ଏଣୁ ପରିସ୍ଥିତି ସେତିକି ଉତ୍କଟ ନହେଲେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ନମିଳିବା ଆବଶ୍ୟକ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରିୟରଞ୍ଜନ ଦାସମୁନ୍ସୀ ୧୨ ବର୍ଷ କାଳ କୋମାରେ ରହିଲେ। ଏହା କେବଳ ତାଙ୍କ ପରି ଧନୀକଙ୍କ ପକ୍ଷେ ସମ୍ଭବ ହୋଇପାରେ। ସେହିପରି ମୋର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ତାଙ୍କୁ ତିନିଦିନ ଭାଇବ୍ରେଟର୍‌ରେ ରଖି ବଞ୍ଚିଥିବା କୁହାଯାଇଥିଲା। ଏହା ଡାକ୍ତର ଓ ଡାକ୍ତରଖାନାର ଲାଭଖୋର ମନୋଭାବର ପରିଚୟ ଦିଏ। ଏହା ସାମର୍ଥ୍ୟ ଲୋକଙ୍କୁ ପ୍ରଭାବିତ କରିନପାରେ; କିନ୍ତୁ ଜଣେ ଗରିବ ପାଇଁ କ୍ୟାନ୍ସର ରୋଗର ଚିକିତ୍ସା ବି କଷ୍ଟକର। ଯଦି ଏକ ଶରୀରକୁ ବଞ୍ଚାଇ ରଖିବା ପାଇଁ ଏକ ପରିବାରକୁ ଅଖିଆ ଅପିଆ ଋଣଗ୍ରସ୍ତ ହେବାକୁ ପଡୁଛି, ତେବେ ସେଠାରେ ତାହାଙ୍କୁ ଇଚ୍ଛାମୃତ୍ୟୁର ମଞ୍ଜୁରୀ ମିଳିବା ଆବଶ୍ୟକ। ଉପଯୁକ୍ତ ବିଚାର ବିମର୍ଶ ଦ୍ୱାରା ଏପରି ଆବେଦନର ମଞ୍ଜୁରୀ ହେବା ଅନୁଚିତ। କିନ୍ତୁ ମୋ ମତରେ ମର୍ଯ୍ୟାଦାଜନକ ମୃତ୍ୟୁ ପାଇଁ ବାଟ ଖୋଲିଦେବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଅର୍ଥଖୋର ଡାକ୍ତରଙ୍କୁ ଆଖିରେ ରଖି ଏ ବାବଦରେ ନିଷ୍ପତ୍ତି ନେବାକୁ ଚେଷ୍ଟା କରାଯାଉ।

ଏହା ଇଚ୍ଛାମୃତ୍ୟୁ ନୁହେଁ, ବାଧ୍ୟମୃତ୍ୟୁ

ରବି କାନୁନଗୋ
ଲେଖକ, ସମୀକ୍ଷକ

ମୃତ୍ୟୁ ପାଖରେ ଜୀବନ ହାରୁଛି କି ଜୀବନ ପାଖରେ ମୃତ୍ୟୁ ହାରୁଛି-ତାହାକୁ ଆଜିଯାଏ କେହି ସ୍ପଷ୍ଟ କରିପାରି ନାହାନ୍ତି। ଏହା ଚିରସ୍ଥାୟୀ ଦ୍ୱନ୍ଦ୍ୱଟିଏ। ଆମର ଧର୍ମ ଶାସ୍ତ୍ର କହୁଛି, ଜୀବନ ଦେବାର ଅଧିକାର ଯାହାର ଅଛି ସିଏ ମାତ୍ର ଜୀବନ ନେଇପାରେ। କେବଳ ଈଶ୍ୱରଙ୍କର ହିଁ ଜୀବନ ଦେବାର ଅଧିକାର ରହିଛି। ଆଉ କାହାର ନାହିଁ। ପୁଣି ଈଶ୍ୱର ତ କାହାର ଜୀବନ ନେବା ଲାଗି ନାହାନ୍ତି। ଏଣୁ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଏହି ପ୍ରକ୍ରିୟାରେ ମଣିଷ ହସ୍ତକ୍ଷେପ କରିବା ଆରମ୍ଭ କରିବ। ଆମେ ଯେତେବେଳେ ଇଚ୍ଛାମୃତ୍ୟୁ କଥା କହୁଛୁ ସେତେବେଳେ ତାହା କେବଳ ମଣିଷଙ୍କ ଦ୍ୱାରା ହିଁ ସମାପନ ହେବ। ଡାକ୍ତର, କୋର୍ଟ ବା ପୁଲାଏ ମଣିଷ ଏଥିରେ ଅନ୍ତର୍ଭୁକ୍ତ ହେବେ। ଏହି ପୁଲାଏ ମଣିଷଙ୍କ ଭିତରେ ରହିଛନ୍ତି ତାହାଙ୍କ ପରିବାରବର୍ଗ। କିନ୍ତୁ ସର୍ବଶେଷ ହେଉଛି ଏ ସମସ୍ତେ ଅବିଶ୍ୱାସୀ। ଡାକ୍ତର କୁହନ୍ତୁ କି କୋର୍ଟ, ଏହାଙ୍କ ଉପରେ କେହି ବିଶ୍ୱାସ କରୁନାହାନ୍ତି। ସମାଜର ଯେତିକି ଅଧଃପତନ ହେଲାଣି ପରିବାର ଲୋକଙ୍କ ଉପରେ ବି ବିଶ୍ୱାସ କରିବା ମଣିଷ ପକ୍ଷେ ସମ୍ଭବ ହେଉ ନାହିଁ। ଏଣୁ ଆମେ କେମିତି କହିବା ଯେ, ଡାକ୍ତର, କୋର୍ଟ ବା ପରିବାର ଲୋକେ ଉଚିତ ନିଷ୍ପତ୍ତି ନେଇଛନ୍ତି ଯାହା ଦ୍ୱାରା ସମ୍ପୃକ୍ତ ଲୋକଟିର ମର୍ଯ୍ୟାଦାଜନକ ମୃତ୍ୟୁ ହୋଇଛି ? ଅପରପକ୍ଷେ ମୋହମାୟାକୁ ନିୟନ୍ତ୍ରଣ କରିବା ଯଦି ସମ୍ଭବ ହେଉନାହିଁ ଏପରି ଇଚ୍ଛାମୃତ୍ୟୁକୁ ମୁଁ ବାଧ୍ୟ ମୃତ୍ୟୁ ସହ ତୁଳନା କରିବି।

ଚିକିତ୍ସା ପାଇଁ ପଇସା ନାହିଁ ବୋଲି କାହାକୁ ମାରିଦେବା ଗ୍ରହଣୀୟ ନୁହେଁ। ଜନମଙ୍ଗଳକାରୀ ରାଷ୍ଟ୍ରରେ ସରକାର ଏହାକୁ ବହନ କରିବା ଦରକାର। ଗରିବ ଲୋକ ହିଁ ଡାକ୍ତରଙ୍କ ଦ୍ୱାରା ଲୁଟ୍‌ର ଶିକାର ହୋଇଥାଆନ୍ତି, ଧନୀକ ନୁହନ୍ତି। କାରଣ ଧନୀକଙ୍କ ପାଖରେ ବିକଳ୍ପ ଥାଏ; ମାତ୍ର ଗରିବଙ୍କ ପାଖରେ ନଥାଏ। ଯେଉଁ ଦେଶରେ ମରଶରୀରକୁ ଡାକ୍ତରଖାନା ଛାଡୁ ନାହିଁ, ଶବର ଚିକିତ୍ସା କରୁଛନ୍ତି ସେଠାରେ ଏ ନିୟମର ଉଚିତ ପ୍ରଣୟନ ସମ୍ଭବ ହେବ କେମିତି ? କୌଣସ ଖ୍ରୀଷ୍ଟଧର୍ମ ଦେଶରେ ଏପରି ହୁଏ ନାହିଁ। ଏମିତି କେତେ ଡାକ୍ତର ଅଛନ୍ତି ଯିଏ ନୀତିରେ ପରିଚାଳିତ ହେଉଥିବେ ?

ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ।

ଉପସ୍ଥାପନା: ହରିହର ପଣ୍ଡା

ଟ୍ୱିଟ୍ @nitidintoday

ନିଜ ଫସଲ ନଷ୍ଟ ବାବଦରେ ଉପଯୁକ୍ତ କ୍ଷତିପୂରଣ ପାଇଁ ୫୦ ହଜାର ଚାଷୀ ୧୮୦ କିମି ରାସ୍ତା ଚାଲିଚାଲି ଅତିକ୍ରମ କଲେ। ଏସ୍‌ଏସ୍‌ସି ବୋର୍ଡ ପରୀକ୍ଷାରେ ଯେମିତି କୌଣସି ତ୍ରୁଟି ବା ବିଶୃଙ୍ଖଳା ସୃଷ୍ଟି ନ ହେବ, ସେଥିପାଇଁ ସେମାନେ ରାତିସାରା ଚାଲିଚାଲି ମୁମ୍ବାଇରେ ପହଞ୍ଚିଥିଲେ। ଚାଷୀଙ୍କୁ ସମସ୍ତେ ସଲାମ୍ କରିବା ଦରକାର।
–ରୀତେଶ ଦେଶମୁଖ, ଅଭିନେତା @Riteishd

କେଉଁ ଦିନରୁ ୪ କୋଟି ଓଡ଼ିଆଙ୍କ ମାତୃଭୂମି ଓଡ଼ିଶା ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥଳରେ ଅବସ୍ଥିତ ଏକ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର 'ଶିଶୁ ଭବନ' ନାମକୁ ବିକୃତ ଭାବରେ ଏକ ଫଳକରେ ଲେଖା ହୋଇଛି। ନବୀନ ସରକାରରେ ଆମ ଭାଷା ଏମିତି ସୁରକ୍ଷିତ।
-ପ୍ରସନ୍ନ ମିଶ୍ର, ପ୍ରାକ୍ତନ ପ୍ରଶାସକ @punarbashu

ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ୍ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ମୋଦିଜୀ ଏବେ ଦେଶର ଅନ୍ନଦାତା ଚାଷୀଙ୍କ ସହ କଥା ହେବାକୁ ବି ଚାହୁଁନାହାନ୍ତି। ଦିନ ଦି ପହରେ ନିଜର ପ୍ରତିଶ୍ରୁତି ଓ ଘୋଷଣାପତ୍ରରୁ ଓହରିବାର ସାହସ କେମିତି କରୁଛନ୍ତି ?
-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା @yadavtejashwi

ଯେଉଁ ଦେଶ ମନରେଗା ଯୋଜନାରେ ଗାତ ଖୋଳିବାକୁ ରୋଜଗାର ଭାବେ ଗ୍ରହଣ କରିନିଏ, ସେଠାରେ ପକୁଡ଼ି ଛାଣିବା ତ ଶିଳ୍ପର ମାନ୍ୟତା ପାଇବା ଉଚିତ୍।
–ସତ୍ୟବ୍ରତ ପଣ୍ଡା, କନସଲଟାଣ୍ଟ୍ @satyapanda61

ବିଜେପି ସରକାର ଗରିବ ଓ କିଷାନମାନଙ୍କୁ କେବଳ ନିର୍ବାଚନୀ ନାରାରେ ପରିଣତ କରି ସେମାନଙ୍କୁ ବ୍ୟବହାର କରିବାକୁ ଚାହୁଁଛି। ମିଥ୍ୟା ପ୍ରଚାର ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କିନ୍ତୁ ଚାଷୀଙ୍କ ଋଣ ଛାଡ଼ କରାଯାଉନାହିଁ କାହିଁକି ?
–ରୋହନ ଗୁପ୍ତା, କଂଗ୍ରେସ ମୁଖପାତ୍ର @rohanrgupta

ପ୍ରଚାର ସର୍ବସ୍ୱ ନବୀନ ବାବୁ। ପୁରୁଣା ରାଜମାର୍ଗ ରାଉରକେଲା-ସମ୍ବଲପୁରକୁ ପୁଣି ଲୋକାର୍ପିତ କରିବାର ସୁଆଙ୍ଗ କରୁଛନ୍ତି। ସରଳ ରାଜ୍ୟବାସୀଙ୍କୁ ଆଉ ଏକ ଭେଳିକି।
–ସଜ୍ଜନ ଶର୍ମା, ବିଜେପି ମୁଖପାତ୍ର @SajjanSharmabjp

ଖୋଲାମଞ୍ଚ

ରାଜନୀତିର ଅର୍ଥ ସୁବିଧାବାଦ

ଦେବାଶିଷ ଚାଟାର୍ଜୀ, ବ୍ୟାଙ୍କ କର୍ମଚାରୀ

ଭାରତରେ ରାଜନୀତି କହିଲେ ସୁବିଧାବାଦକୁ ବୁଝାଏ। ବିଜେପି କଂଗ୍ରେସ ଦଳକୁ ଓ ଏହାର ନେତାଙ୍କୁ ତୀବ୍ର ସମାଲୋଚନା କରୁଛି। କିନ୍ତୁ କଂଗ୍ରେସ ଦଳର ନେତାଙ୍କୁ ନିଜ ଦଳରେ ସାମିଲ କରାଇବାରେ କେବେ ବି ପଛଘୁଞ୍ଚା ଦେଉନାହିଁ। ଏପରି କି କିଛି କଂଗ୍ରେସ ନେତାଙ୍କୁ ନିଜ ଦଳରେ ସାମିଲ କରି ସେମାନଙ୍କୁ ମନ୍ତ୍ରୀପଦ ଦେବାକୁ ମଧ୍ୟ କହୁଛି। ତ୍ରିପୁରାରେ ଅନେକ କଂଗ୍ରେସ ନେତା ଦଳ ଛାଡ଼ି ପ୍ରଥମେ ତୃଣମୂଳ କଂଗ୍ରେସରେ ସାମିଲ ହୋଇଥିଲେ। ଏହାପରେ ସେମାନେ ବିଜେପିକୁ ଯିବାକୁ ଚାହିଁଲେ, ବିଜେପି ମଧ୍ୟ ସେମାନଙ୍କୁ ଦଳରେ ସାମିଲ କରି ଚଳିତ ନିର୍ବାଚନରେ ପ୍ରାର୍ଥୀ କରାଇଥିଲା। ସେହିପରି ଆସାମ, ମେଘାଳୟ ଓ ନାଗାଲ୍ୟାଣ୍ଡରେ ମଧ୍ୟ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କୁ ବିଜେପି ନିଜ ଦଳରେ ସାମିଲ କରାଇ ନିର୍ବାଚନ ଲଢ଼ିଥିଲା। ଏହାର ଅର୍ଥ ବିଜେପି ପାଇଁ କଂଗ୍ରେସ ଦଳ ହେଉଛି ଖରାପ କିନ୍ତୁ ପୂର୍ବତନ କଂଗ୍ରେସ ନେତାମାନେ ଖରାପ ନୁହନ୍ତି। ତେଣୁ ଓଡ଼ିଶାରୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ଅଚ୍ୟୁତ ସାମନ୍ତଙ୍କୁ ବିଜେଡି ରାଜ୍ୟସଭା ପାଇଁ ଟିକେଟ୍ ଦେବା ଏହି ସୁବିଧାବାଦୀ ରାଜନୀତିର ଏକ ଅଂଶ ବିଶେଷ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସଭା ପାଇଁ ଶ୍ରୀ ପଟ୍ଟନାୟକ ଓ ଶ୍ରୀ ସାମନ୍ତଙ୍କୁ ପଠାଇ କିଛି ବି ଭୁଲ କରିନାହାନ୍ତି। କାରଣ ସେ ବି ନିଜର ଫାଇଦା ଖୋଜୁଛନ୍ତି।

ଦେଶରେ ଚାଲିଥିବା ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ କେଶବଙ୍କ ବ୍ୟଙ୍ଗଚିତ୍ର। ସୌ: ଦି ହିନ୍ଦୁ

ମୋ ମତରେ

ସୁବିଧାବାଦୀ ରାଜନେତା ବନାମ ଗଣ ସଂଗଠନ



ବିରଞ୍ଚି ନାରାୟରଣ ଦାସ, ସ୍ତମ୍ଭକାର

ନବନିର୍ମାଣ କୃଷକ ସଂଗଠନ, ଓଡ଼ିଶା ଶାଖାର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଦ୍ୱାରା ଓଡ଼ିଶାର ଚାଷୀକୁଳର ସୁରକ୍ଷିତ ଭବିଷ୍ୟତ ପାଇଁ ସୋମବାର ରାଜ୍ୟର ଏକ ପ୍ରତିଷ୍ଠିତ ସମ୍ବାଦପତ୍ରରେ ପ୍ରକାଶିତ ସ୍ୱତନ୍ତ୍ର ଆଲେଖ୍ୟ ଅନେକ ଗୁରୁତ୍ୱ ରଖେ। ଆଗାମୀ ବଜେଟ୍‌ରେ ଏଥିପାଇଁ ଅର୍ଥ ବରାଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଲେଖିଥିବା ଖୋଲାଚିଠି ଅନେକ ଅଦୃଶ୍ୟ ପରାମର୍ଶକୁ ସ୍ପଷ୍ଟ ଭାବେ ସୂଚାଇ ଦେଉଛି। ଲାଗୁଛି ଏହା ଏକ ସରକାରୀ ପ୍ରାୟୋଜିତ ଆଲେଖ୍ୟ। ଏ ସନ୍ଦେହ ଏଥିପାଇଁ ମନରେ ଆସୁଛି ୨୦୧୦ ମସିହାରୁ ନବ ନିର୍ମାଣ କୃଷକ ସଂଗଠନ କେବେ ବି ମୁଖ୍ୟମନ୍ତ୍ରୀଙ୍କୁ ଏତେ ବିନମ୍ରତାର ସହ ଦାବି କରିବାର ଦେଖାଯାଇନି। କେତେବେଳେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଉପରକୁ ସୁରକ୍ଷା ବଳୟ ଭାଙ୍ଗି ଚାଲିଆସିବା ତ ପୁଣି କେତେବେଳେ ଆଇନ୍ ଅମାନ୍ୟ ଆନ୍ଦୋଳନ କରି ସରକାରଙ୍କ ନିନ୍ଦ ହଜାଇ ଦେବାର ଦେଖା ଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଏବେ ସଂଗଠନର ସ୍ୱରରେ ପରିବର୍ତ୍ତନ କାହିଁକି ? ସନ୍ଦେହ ପଛରେ ଯୁକ୍ତି ମଧ୍ୟ ସହଜ ବୋଧଗମ୍ୟ କାରଣ ସଂଗଠନ ଦ୍ୱାରା ଚାଲି ଆସିଥିବା ଏ ବ୍ୟାପକ ଆନ୍ଦୋଳନକୁ ଦୃଢ଼ ସମର୍ଥନ କରି ଆସୁଥିବା ଜନୈକ ରାଜନେତା ଏବେ ସରକାରୀ ଦଳରେ ସାମିଲ ହୋଇଛନ୍ତି। ଖାସ୍ ସେଥିପାଇଁ ସକାରାତ୍ମକ ଢଙ୍ଗରେ ଉପସ୍ଥାପିତ କରାଇ ସାମାଧାନ କରାଇ ଦେଲେ ଜନମାନସରେ ପୁଣି ସମ୍ମାନ ଫେରି ଆସିବ ବୋଲି ସେ ଆଶା କରିଛନ୍ତି।

ଓପିନିଅନ୍ ପୋଲ୍

ଆଜିର ପ୍ରଶ୍ନ
ଚିକିତ୍ସା ପାଇଁ ସମ୍ବଳ ନଥିଲେ ଇଚ୍ଛାମୃତ୍ୟୁ ଅନୁମତି ମିଳିବା ଉଚିତ କି ?

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ।

ଗତ ଥରର ପ୍ରଶ୍ନ:

ଜନଜାତି ବିକାଶ ପରିଷଦ ଏକ ନିର୍ବାଚନ ଭେଳିକି କି ?

(ଉତ୍ତର)



ସୋଶାଲ୍ ମିଡିଆରେ 'ନିତିଦିନ'
SMS and Whatsapp No.: 7504762295
Twitter @nitidintoday
facebook.com/nitidintoday
email: nitidinedit@gmail.com

ସୋଶାଲ୍ ମିଡିଆରୁ

ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ଦରକାର